ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

23-12-2019

# ଆନ୍ତଃ ଆଇଆଇଟି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଜଟଣୀ,୨୨।୧୨(ନି.ପ୍ର): ଓଡ଼ିଶାରେ ୨/୩ ବର୍ଷ ମଧ୍ୟରେ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ଭୁବନେଶ୍ୱର ଆଇଆଇଟି ହକି ଗ୍ରାଉଣ୍ଡରେ ୫୪ ତମ ଆନ୍ତଃ ଆଇଆଇଟି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଯୁବ ସେବା, କ୍ରୀଡ଼ା ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାର କାନ୍ତି ବେହେରା ସୂଚନା ଦେଇଛନ୍ତି। ସେ କହିଥିଲେ, ଯେ ରାଜ୍ୟରେ କ୍ରୀଡ଼ାର ବିକାଶ ଓ ଭିତ୍ତିଭୂମି ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦିଆଯାଇଛି। ୧୭ଟି ସ୍ଥାନରେ ହକି ଓ ଭଲି ଖେଳ ପଡ଼ିଆ ଓ ଷ୍ଟାଡ଼ିୟମ ନିର୍ମାଣ କରାଯାଇଛି। ରାଜ୍ୟ ସରକାର ବିଶ୍ୱ କପ ହକି ପ୍ରତିଯୋଗିତା ଆୟୋଜନ କରିଥିବା ବେଳେ ୨୦୨୩ରେ ଫିଫା ମହିଳା ବିଶ୍ୱ କପ୍ ହକି ପ୍ରତିଯୋଗିତା ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛନ୍ତି। କ୍ରୀଡ଼ାର ବିକାଶ ପାଇଁ ଜଟଣୀ ଜାଭିୟର ବିଶ୍ୱବିଦ୍ୟାଳୟରେ ରାଜ୍ୟ ସରକାର କ୍ରୀଡ଼ା ପାଠ୍ୟକ୍ରମ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଜଣେ ଆଇଆଇଟି ଛାତ୍ର ବୋଲି ସୂଚନା ଦେଇ ଦେଶର ୨୨ଟି ଆଇଆଇଟିରୁ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ଆସିଥିବା ୮୦୦ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଆଇଆଇଟି ଡିନ୍ ପ୍ରଫେସର ଭି.ଆର.ପିଡ଼ିରେଡ଼ି ସ୍ୱାଗତ ଭାଷଣ ଦେଇଥିଲେ। ନିର୍ଦ୍ଦେଶକ ପ୍ରଫେସର ଭି.ରାଜ କୁମାର ସଭାପତିତ୍ୱ କରିଥିଲେ। ପ୍ରତିଯୋଗିତାର ଆବାହକ ଡ଼. ଶଙ୍କର୍ଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଓଡ଼ିଶୀ ନୃତ୍ୟାଙ୍ଗନା ଅରୁଣା ମହାନ୍ତି ନୃତ୍ୟ ପରିବେଷଣ କରିଥିଲେ। ଆଇଆଇଟି ଯୁଗ୍ମ କୁଳସଚିବ ଦେବରାଜ ରଥ, ପ୍ରଫେସର ଡ଼.ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ଶାଲିନି ଏସ.ନାୟାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗତ ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ଆଇଆଇଟି ହକି ଗ୍ରାଉଣ୍ଡରେ ଆନ୍ତଃ ଆଇଆଇଟି ବ୍ୟାଡ଼ମିଣ୍ଟନ, ସ୍କ୍ୱାଶ, ଟେବୁଲ ଟେନିସ୍, ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।